The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1536 CUTTACK, THURSDAY, NOVEMBER 14, 1985/KARTIKA 23, 1907**

ସଂ—22610-ସା

ଓଡ଼ିଶା ସରକାର

## ସାଧାରଣ ପ୍ରଶାସନ ବିଭାଗ

---

ସଂକଳ୍ପ

---

ତା ୧୭ ଅକ୍ଟୋବର ୧୯୮୫

ଜିଲ୍ଲା ଓ ଅଧସ୍ତନ କାର୍ଯ୍ୟାଳୟମାନଂକରେ ଅମଲା ପଦବୀରେ ଏବଂ ସରକାରୀ ଉଦ୍ୟୋଗମାନଙ୍କର (Public Sector Undertakings) ଅନୁରୂପ ସ୍ତରରେ ନିଯୁକ୍ତି ନୀତିର ସଂଶୋଧନ କିଛିଦିନ ହେଲା ସରକାରଙ୍କର ବିଚାରାଧୀନ ଅଛି । ବର୍ତ୍ତମାନ ରେଭିନ୍ୟୁ ଡିଭିଜନାଲ କମିଶନରମାନେ ନିଜ ଅଞ୍ଚଳର ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟମାନଙ୍କରେ କନିଷ୍ଠ କିରାଣି ନିଯୁକ୍ତି ସଂକ୍ରାନ୍ତରେ ଏକ ପ୍ରତିଯୋଗିତାମୂଳକ ପରୀକ୍ଷା ପରିଚାଳନା କରି ପ୍ରାର୍ଥୀ ମନୋନୀତ କରୁଛନ୍ତି । ଏଥିରୁ ଦେଖାଯାଉଛି କି, ଅନୁନ୍ନତ ଜିଲାମାନଙ୍କର ପ୍ରାର୍ଥୀମାନେ ଏହି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଯଥେଷ୍ଟ ସଂଖ୍ୟାରେ ଯୋଗ ଦେଇ ପାରୁନାହାନ୍ତି ଓ କେତେକ କ୍ଷେତ୍ରରେ ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ସମାନୁପାତିକ ହାରରେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି । ଫଳରେ ଏହି ପଦଗୁଡ଼ିକରୁ ଅଧିକାଂଶ ରାଜ୍ୟର ଅନ୍ୟ ଅଞ୍ଚଳର ପ୍ରାର୍ଥୀମାନଙ୍କ ଦ୍ୱାରା ପୂରଣ କରାହେଉଛି ।

ଅନୁନ୍ନତ ଜିଲ୍ଲାର ପ୍ରାର୍ଥୀମାନଙ୍କୁ ନିଜ ଜିଲ୍ଲାର ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟମାନଙ୍କରେ କନିଷ୍ଠ କିରାଣି ପଦବୀରେ ନିଯୁକ୍ତି ଦେବାର ଅଧିକ ସୁବିଧା ଦେବାପାଇଁ ଜିଲ୍ଲାପାଳମାନେ ନିଜ ଜିଲ୍ଲାପାଇଁ ସ୍ଥାନୀୟ ନିଯୋଜନ କାର୍ଯ୍ୟାଳୟ ଦ୍ୱାରା ପ୍ରେରିତ ପ୍ରାର୍ଥୀମାନଙ୍କର ଏକ ପ୍ରତିଯୋଗିତା ମୂଳକ ପରୀକ୍ଷା ପରିଚାଳନା କରି ପ୍ରାର୍ଥୀ ମନୋନୀତ କରିବେ । ଏଣୁ ଓଡ଼ିଶା ଅମଲା ସେବା ବୈଧାନିକ ନିୟମାବଳୀ 1982 କୁ ବାତିଲ କରି ଏକ ନୂତନ ନିୟମାବଳୀ ପ୍ରଣୟନ କରାଯାଉଅଛି ।

ପୁନଶ୍ଚ ଏହି ନିଯୁକ୍ତି ନୀତି ସରକାରୀ ଉଦ୍ୟୋଗ (Public Sector Undertakings) ମାନଙ୍କରେ ପ୍ରଯୁଜ୍ୟ ହେବାପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାପାଇଁ ଯୋଜନା ଓ ସମନ୍ୱୟ ବିଭାଗ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ସ୍ଥିର କରିବେ, ଯାହାକି ସରକାରୀ ଉଦ୍ୟୋଗମାନେ ଅତ୍ୟଧିକ ନିଷ୍ଠାର ସହିତ ପାଳନ କରିବେ ।

---

ଆଦେଶ—ଏହି ସଂକଳ୍ପ ଅସାଧାରଣ ଗେଜେଟ୍‌ରେ ପ୍ରକାଶ କରି ଏହାର ନକଲ ସମସ୍ତ ବିଭାଗ/ବିଭାଗୀୟ ମୁଖ୍ୟ/ ରେଭିନ୍ୟୁ ଡିଭିଜନାଲ କମିଶନର/ଜିଲ୍ଲାପାଳ/ସରକାରୀ ଉଦ୍ୟୋଗ (Public Sector Undertakings) କାର୍ଯ୍ୟାଳୟମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ଚଂଦ୍ରମଣୀ ନାରାୟଣ ସ୍ୱାମୀ

ସ୍ୱତନ୍ତ୍ର ଶାସନ ସଚିବ